

ଯାହାର ପୂର୍ବଭାଗ୍ୟ ଥିବ ତା' ପୁତ୍ର ସନ୍ନ୍ୟାସୀ ହୋଇବ
ତହୁଁ ପ୍ରବେଶ ଓଳାଶୁଣୀରେ ଯାଇ ଅରକ୍ଷିତ ଦାସ ନାମ ବୋଲାଇ ।

# ଜାତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ଆମ ଓଳାଶୁଣୀ

## ୧୯୯୫ - ୨୦୨୬ (୩୨ ବର୍ଷ)

ବିଶ୍ୱବାସୀଙ୍କ ନିକଟତର ମହାପୁରୁଷ ସନ୍ଥ ଅରକ୍ଷିତଙ୍କ ତ୍ରିଭାଷୀକ ଜୀବନ ତତ୍ତ୍ୱ ପୁସ୍ତକ,
ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଦ୍ୱାରା ପରିଚାଳିତ ଙଙଙ.କୃକ୍ଷବସ୍ୱଙ୍କଭସ.ମକୃଙ୍କ ରେ ଉପଲବ୍ଧ




ବିଦଗ୍ଧ ପାଠକ ଗୋଷ୍ଠୀ ପଠନ ଉପଯୋଗୀ ଓ ଗବେଷଣା ପାଇଁ ଖୋରାକ ଯୋଗାଇବାର ମହତ୍ ଉଦ୍ଦେଶ୍ୟରେ ବିନା ମୂଲ୍ୟରେ ବ୍ୟକ୍ତିଗତ ସାକ୍ଷାତ ସମୟରେ ଏବଂ ଭାରତୀୟ ଡାକସେବା ମାଧ୍ୟମରେ ଯୋଗାଇବା ପାଇଁ ପ୍ରୟାସ ଜାରିରହିଛି ।

## ତଥ୍ୟ ଓ ପ୍ରସ୍ତୁତି



ଡ଼ ପ୍ରସନ୍ନ କୁମାର ପାଟ୍ଟଶାଣୀ
ମୁଖ୍ୟ ଉପଦେଷ୍ଟା



ସୁଶାନ୍ତ କୁମାର ଦାସ
ଉପଦେଷ୍ଟା ମଣ୍ଡଳୀ



ଶରଣାରବିନ୍ଦ
ସଭାପତି



ଶ୍ରୀ ଦେବବ୍ରତ ଦେବ୍
କନିଷ୍ଠ ଯୁବରାଜ
ବଡଖେମୁଣ୍ଡି ରାଜପରିବାର
ଉପ ସଭାପତି



ନବକିଶୋର ସାମଲ
ସାଧାରଣ ସମ୍ପାଦକ



ବିଜୟଲକ୍ଷ୍ମୀ ସାମଲ
ସହଯୋଗିତା





ଓଁ

ଶୂନ୍ୟେ ଅବଧୂତ ବାନା ଉଡୁଛି
ଧରିତ୍ରୀ ଆକାଶ କମ୍ପିଯାଉଛି ।



ଝଁଖୁଲି ଖାଇଲେ ସରିବ
ତୋଗୁଣ ଗାନ ନ ସରିବ

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ



## ଯାହାର ପୂର୍ବଭାଗ୍ୟ ଥିବ ତା' ପୁତ୍ର ସନ୍ନ୍ୟାସୀ ହୋଇବ

ପଞ୍ଚସଖା ଯୁଗ ପରେ ସନ୍ଥ ମହାପୁରୁଷ ଅରକ୍ଷିତ ଦାସ ଜନ୍ମ ହେଲେ ପାରଳାଖେମୁଣ୍ଡି ରାଜବଂଶରେ । ତାଙ୍କ ଜନ୍ମ ରହସ୍ୟ ମୂଳରେ ବହୁ ପ୍ରବାଦ ଶୁଣିବାକୁ ମିଳେ । ପିତା ମାତା ରାଜବଂଶଧର ଥିଲେହେଁ ସନ୍ତାନହୀନ ଥିଲେ । ତେଣୁ ଅତୁଳ ଐଶ୍ୱର୍ଯ୍ୟ ମଧ୍ୟରେ ତାଙ୍କର ସୁଖ ଶାନ୍ତି ନଥିଲା । ପ୍ରତିଦିନ ଦେବାର୍ଚ୍ଚନ, ଦାନ, ଧ୍ୟାନକରି ଅରକ୍ଷିତଙ୍କ ମାତା, ଦାରୁଣ ମନସ୍ତାପରେ ଜୀବନ ଯାପନ କରୁଥାନ୍ତି । ଦିନେ ରାତିରେ ଜଣେ ସାଧୁ ସ୍ୱପ୍ନ ଛଳରେ ତାଙ୍କୁ ଦେଖାଦେଇ କହିଲେ, କାହିଁକି ତୁମେ ଦୁଃଖ କରୁଛ ମା ! ତୁମକୁ ତ ଭଗବାନ ରାଜ୍ୟ, ଐଶ୍ୱର୍ଯ୍ୟ, ଧନ ସମ୍ପଦ, ରାଜଅଟ୍ଟାଳିକା ସବୁ ଦେଇଛନ୍ତି । କ'ଣ ତୁମର ଅଭାବ ଯେ, ତୁମେ ଦିନ ରାତି ଚିନ୍ତା କରୁଛ ? କଣ ତୁମେ ଚାହଁ ?

ଦୁଃଖିନୀ ରାଜା ରାଣୀ ସେ ସାଧୁଙ୍କ ପାଦତଳେ ଲୋଟିପଡି କାନ୍ଦି କାନ୍ଦି କହିଲେ, ଏ ରାଜ ଐଶ୍ୱର୍ଯ୍ୟର ମୂଲ୍ୟ କଣ? ସାଂସାରିକ ଜୀବନରେ ଗୋଟିଏ ସନ୍ତାନ ଯଦି ନାହିଁ, ଇନ୍ଦ୍ରସମ୍ପଦ ମଧ ମଣିଷକୁ ଶାନ୍ତି ସୁଖ ଦେଇପାରେନା । ଯଦି ଆପଣ ଦର୍ଶନ ଦେଇଛନ୍ତି ତେବେ ଏ ଅଭାଗିନୀ କୋଳରେ ଗୋଟିଏ ସନ୍ତାନ ପାଇଁ ଆଶୀର୍ବାଦ କରି ଯାଆନ୍ତୁ । ତାନହେଲେ ଏ ଜୀବନ ରଖି ଲାଭ ନାହିଁ । ବରଂ ଆତ୍ମହତ୍ୟା ଶତଗୁଣେ ବାଞ୍ଛନୀୟ । ସାଧୁ ହସି ହସି କହିଲେ ଅଧୈର୍ଯ୍ୟ ହୁଅନା ମା, ମୁଁ ଆଶୀର୍ବାଦ କରୁଛି, ତୁମ ଗର୍ଭରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ନେବା ମାତ୍ରେ ୧୬ ବର୍ଷପରେ ସେ ମୃତ୍ୟୁବରଣ କରିବ । ଏତିକି କହି ସାଧୁ ଅନ୍ତର୍ଦ୍ଧାନ ହୋଇଗଲେ । ରାଣୀଙ୍କ ନିଦ ଭାଙ୍ଗିଗଲା । ସ୍ୱପ୍ନବାଣୀରେ ଯେତିକି ଆନନ୍ଦ ଅନୁଭବ କଲେ, ତାର ବାକି ଦୁଃଖରେ ଅଧିର ହୋଇପଡିଲେ । ସବୁ ଭଗବାନଙ୍କ ଇଛା ବୋଲି ଠାକୁରଙ୍କ ପାଦରେ ମୁଣ୍ଡ ନୁଆଁଇଲେ ।

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ

ଦଶମାସ ଦଶଦିନ ପରେ ଗୋଟିଏ ଦିବ୍ୟ ସୁନ୍ଦର ପୁତ୍ର ଜନ୍ମହେଲା ରାଜବଂଶରେ । ରାଜ୍ୟସାରା ଆନନ୍ଦର ସ୍ରୋତ ବହିଗଲା । ଦାନ, ଧ୍ୟାନ, ଯଜ୍ଞ, ବ୍ରାହ୍ମଣ ଭୋଜନ ଦେବାର୍ଚ୍ଚନରେ ସାରା ରାଜ୍ୟ ଉଚ୍ଛୁଳି ପଡିଲା ।

ଅଖପଛେ ଚକ ଗଡିଲା ପରି ଦିନପରେ ଦିନଗଡି ମାସ ବର୍ଷ ବିତି ଯାଉଥାଏ । ଚନ୍ଦ୍ରକଳା ବଢିଲା ପରି ରାଜକୁମାରଙ୍କ ବୟସ ବଢି ଚାଲିଥାଏ । ବିଦ୍ୟା ଅଧ୍ୟୟନ, ଶାସ୍ତ୍ର ଚର୍ଚ୍ଚା, ଦେବତା ଆରାଧନା ପ୍ରଭୃତି କାର୍ଯ୍ୟ ଯଥାବିଧି ଅନୁସାରେ ହେଉଥାଏ ।

ମାତ୍ର ପୁତ୍ରର ବୟସ ବଢିବା ସଙ୍ଗେ ସଙ୍ଗେ ରାଜାରାଣୀ ଦୁଃଖରେ ଆଉ ଶୋକରେ ଭାଙ୍ଗି ପଡୁଥାନ୍ତି । ପୁଅ ବିଦ୍ୟାଳୟରୁ ଆସିଲା ମାତ୍ରେ ସବୁବେଳେ ଦେଖନ୍ତି ମା'ଙ୍କ ଆଖିରେ ଲୁହ ପୂରି ରହିଛି । କାରଣ କ'ଣ ପଚାରିଲେ ଏଣୁ ତେଣୁ କହି ମା ଭୁଲାଇ ଦିଅନ୍ତି । କିନ୍ତୁ ୧୫ ବର୍ଷ ପୂରି ୧୬ ବର୍ଷ ଚାଲିଲା ପରେ ଅବସ୍ଥା ଅତି ଅସମ୍ଭାଳ ହୋଇପଡିଲା ।

ପୁଅ ଘରୁ ବାହାରକୁ ଯିବା ମାତ୍ରେ ମାଆଙ୍କ କାନ୍ଦରେ ରାଜ ଅନ୍ତଃପୁର ଉଚ୍ଛୁଳି ଯାଏ । ତାଙ୍କର ମନେ ପଡିଯାଏ, ସପ୍ନରେ ସେ ସାଧୁଙ୍କର ଆଶୀର୍ବାଦ ସାଙ୍ଗରେ ଅଭିଶାପ ଭଳି କଥା ପଦକ । ଷୋହଳ ବର୍ଷ ପୁରିଗଲେ ପୁଅ ଆଉ ବଞ୍ଚିବ ନାହିଁ ।

ମାଆର ହୃଦୟ କେତେ ମମତାରେ ତିଆରି, ସେ କଥା ଯେ ଅନୁଭବ କରିଛି ସେ ବୁଝିଛି । ଅନ୍ୟ କେହି ବୁଝିବା ସହଜ ନୁହଁ । ସବୁବେଳେ କାନ୍ଦ କାନ୍ଦ ମୁହଁ ଆଉ ଆଖିରେ ଲୁହ ଛଳ ଛଳ ଦେଖି ପୁଅ ପଚାରିଲା ଆଜି ମୋତେ ନଭୁଲାଇ ସତ କହିବ ମା, କାହିଁକି ତୁମେ ସବୁବେଳେ କାନ୍ଦୁଛ? ତାନହେଲେ ମୁଁ ଖାଇବି ନାହିଁ । ମୋ ରାଣ ପକାଇ ସତ କହିବ ! କି ଦୁଃଖ ତୁମର? ମା ସତ କଥା କହିଦେଲେ, ଷୋହଳ ବର୍ଷ ପୂର୍ଣ୍ଣହେଲେ ତୁ ଆଉ ବଞ୍ଚିବୁ ନାହିଁ । ପୁଅ କହିଲେ ଏଇ ସାମାନ୍ୟ କଥା ପାଇଁ ତୁମେ ଏତେ ଅସ୍ଥିର? ଜନ୍ମ ମାତ୍ରେ ମୃତ୍ୟୁ ବିଧାତାର ନିୟମ । କିନ୍ତୁ ତୁମେ ଯଦି ଆଶୀର୍ବାଦ କରିବ ମା, ମୁଁ ମୃତ୍ୟୁ ସାଙ୍ଗରେ ଯୁଦ୍ଧ କରି ତାକୁ ଜୟ କରିବି । ମା କହିଲେ, ମୁଁ ମନଭରି ଆଶୀର୍ବାଦ କରୁଛି ତୁ ମୃତ୍ୟୁକୁ ଜୟ କର ।

ପାଦଧୂଳି ନେଲେ ନିର୍ଭୀକ ରାଜକୁମାର । ମା ଟିକେ ଆଶ୍ୱସ୍ତି ଲାଭ କଲେ । କିନ୍ତୁ ସେଇ ଦିନ ରାତିରେ କାହାରିକୁ ନଜଣାଇ ଅତୁଳ ଐଶ୍ୱର୍ଯ୍ୟ ରାଜସମ୍ପଦ ତ୍ୟାଗକରି ମରଣ ସାଙ୍ଗରେ ଯୁଦ୍ଧ କରିବାକୁ ଚାଲିଗଲା । ମନରେ ତାଙ୍କର ସେଇ ପ୍ରଭୁଙ୍କର ଚିନ୍ତା । ମୁଣ୍ଡରେ ଅଛି ଜନ୍ମଦାତ୍ରୀ ଜନନୀଙ୍କର ଆଶୀର୍ବାଦ । ସଂସାରରେ ମିଶି ରହିଛି ସାଧୁଙ୍କର ଶୁଭେଚ୍ଛା ।

# ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ

ତହି ଆରଦିନ ରାଜ୍ୟସାରା ଚହଲ ପଡିଗଲା ରାଜକୁମାର କୁଆଡେ ଚାଲି ଯାଇଛନ୍ତି । ପିତାମାତା ମୁଣ୍ଡପିଟି କାନ୍ଦିଲେ । ରାଜ୍ୟସାରା ଶୋକର ଛାୟା ଖେଳିଗଲା । ମା କେବଳ ବିଶ୍ୱାସ ରଖିଛନ୍ତି ମୋ ପୁଅ ମରଣକୁ ଜୟ କରିବ । ମୁଁ ତାକୁ ଆଶୀର୍ବାଦ କରିଛି । ସେ ମୃତ୍ୟୁଜୟୀ ହେବ । କୂଳ ଦେବତାଙ୍କ ପାଦତଳେ ନିତି ପ୍ରଦୀପ ଜାଳି ପ୍ରାର୍ଥନା କରୁଥାନ୍ତି ରାଜା ରାଣୀ ଚାହୁଁ ଚାହୁଁ ୧୬ ବର୍ଷ ପୁରିଗଲା । ୧୭ ବର୍ଷ ପୁରିଲା, ୧୮ ବର୍ଷ ଚାଲିଲା । କିନ୍ତୁ କାହିଁ କିଛି ଖବର ନାହିଁ । ସପ୍ନରେ ମା ଦେଖୁଛନ୍ତି ଜଣେ ଗୈରିକ ବସନଧାରୀ ପ୍ରଶାନ୍ତ ଗମ୍ଭୀର ସାଧୁ ମୂର୍ତ୍ତି ସେ ସାଧୁଙ୍କ ଠାରେ ଶୁଭୁଛି ଶାନ୍ତିର ସାନ୍ତ୍ୱନା । ବାଣୀ ଶୁଣି ମା ପୁତ୍ର ତୁମର ମରଣକୁ ଜୟ କରି ଫେରିଛି । ଶହ ଶହ ପତିତ ଅଧମ ମଣିଷଙ୍କୁ ସତ ବାଟରେ ନେବା ପାଇଁ ପୁଅ ତୁମର ଆଜି ଚାଲିଛି ତ୍ୟାଗର ମହିମାମୟ ଆଲୋକ ବାଟରେ । ମା ସାନ୍ତହେଲେ, ସପ୍ନ ଭାଙ୍ଗିଗଲା । ତାପରେ କିଛିଦିନ ପରେ ଅରକ୍ଷିତ ଦାସ କୁଜଙ୍ଗ, ରୋମିତୋ, ସୋବଳା ବାଟେ ଦୁର୍ଗମ ନଦୀପାର ହୋଇ କେନ୍ଦ୍ରାପଡା ରାଧେଶ୍ୟାମ ନରେନ୍ଦ୍ରଙ୍କ ଗୃହରେ ଅତିଥି ହୋଇଥିଲେ । ସେତେବେଳକୁ ସେ ନିର୍ବିକାର ଯୋଗ୍ୟ ଭାବରେ ସାଧନା କରୁଥାନ୍ତି । ତାପରେ ଓଳାଶୁଣି ପାହାଡକୁ ଯାଇ ନିଜର ସାଧନାର ଶେଷ ଲୀଳା ସମାପ୍ତ କରିଥିଲେ । ଏ ପର୍ଯ୍ୟନ୍ତ ମଧ ମହାପୁରୁଷ ଅରକ୍ଷିତଙ୍କ ଶ୍ରାଦ୍ଧ ଦିବସରେ ମାଘ ମାସ କୃଷ୍ଣ ଏକାଦଶୀ ଦିନ ବିରାଟ ମେଳା ଅନୁଷ୍ଠିତ ହେଉଛି । ହଜାର ହଜାର ଭକ୍ତମାନେ ଏକତ୍ର ଭାବେ ଶ୍ରୀ ମହାପୁରୁଷଙ୍କ କୀର୍ତ୍ତିଗାନ ସଙ୍ଗେ ସଙ୍ଗେ ଭଜନ କୀର୍ତ୍ତନରେ ପାହାଡର ପାଷାଣ ଦେହକୁ ମୁଖରିତ କରୁଛି ।

ମହାପୁରୁଷ ଅରକ୍ଷିତ ଦାସଙ୍କର ରଚିତ ବହୁ ଭଜନ ଏବଂ ଧର୍ମଗ୍ରନ୍ଥ ଓଡିଶାର ଧର୍ମ ରାଜ୍ୟକୁ ଉଜ୍ଜୀବିତ କରି ରଖିଛି ।

ଅରକ୍ଷିତ ଦାସଙ୍କ ଭବିଷ୍ୟତ ଓ ମାଳିକା ପଞ୍ଚସଖା ସାହିତ୍ୟ ମଧ୍ୟରେ ଅନ୍ୟତମ ସ୍ଥାନ ଅଧିକାର କରିଛି । ଏବେ ସୁଦ୍ଧା ଓଳାଶୁଣି ମଠରେ ଶୁଖୁଆ ପୋଡପିଠା ନୈବେଦ୍ୟ ହେଉଛି । କାମନାଭିଳାଷୀ ମାନେ ଶୁଖୁଆ ପୋଡପିଠା ବର୍ଷକୁ ବର୍ଷ ଭୋଗ କରନ୍ତି ।

ବି.ଦ୍ର. - ଶ୍ରୀ ଶାରଦା ଷ୍ଟୋର, ନୂଆ ବସ୍‌ଷ୍ଟାଣ୍ଡ, ବାଦାମବାଡ଼ି, କଟକ - ୧୨ ଙ୍କ ଦ୍ୱାରା ୧୯୯୮ ମସିହାରେ ପ୍ରକାଶିତ 'ଘୋର କଳିରେ ପ୍ରାଣୀମତ' ବା 'ମହାପୁରୁଷ ଭବିଷ୍ୟତ ମାଳିକା' ପୁସ୍ତକରୁ ସଂଗୃହୀତ ।

www.olasuni.com
Mahapurusa Arakhita Das's - Olasuni Gumpha YouTube
E-mail - nabakishoresamal9@gmail.com
9776343503, 9438534310, 9937632393, 7978628729




- ସମ୍ପାଦନା -

**ଡକ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ**

ଖାରବେଳନଗର, ୨ୟ ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

- ପ୍ରସ୍ତାବକ -

**ଶ୍ରୀଯୁକ୍ତ ବନବାସ ଚୌଧୁରୀ**

ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ, କଟକ-୧

- ତଥ୍ୟ ସଂଗ୍ରହ ସହଯୋଗିତା -

**ଡକ୍ଟର ରଘୁନାଥ ପାତ୍ର**

ଜାରକା, ଯାଜପୁର,

ଓଁ

ଓଡ଼ିଶାର ଜଣେ ମହାନ୍ ସନ୍ଥସାଧକ ମହାପୁରୁଷ ଅରକ୍ଷିତ ଦାସ । ବ୍ରହ୍ମଦର୍ଶୀ ସନ୍ଥ ସେ । ଧର୍ମ, ଦର୍ଶନ ତଥା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ପ୍ରଚୁର । ସନ୍ଥଙ୍କ ମହତ୍ ବାଣୀ, ଆଦର୍ଶ ଏ ଜାତିକୁ ଗଭୀର ଭାବେ ଉଦ୍‌ବୁଦ୍ଧ କରିଛି । ମୂଳତଃ ସେ ଥିଲେ ରାଜପୁତ୍ର । ବିଳାସ ବ୍ୟସନରେ ଦିନ କାଟୁଥିଲେ; କିନ୍ତୁ ସେ ସବୁକୁ ପାଦରେ ଆଡ଼େଇ ଦେଇ ସନ୍ନ୍ୟାସୀ ହୋଇଯାଇଥିଲେ । ଏକାଧାରାରେ ସେ ଥିଲେ ଯୋଗୀ, ସନ୍ଥସାଧକ ସମାଜ ସଂସ୍କାରକ, ଦାର୍ଶନିକ, ଭକ୍ତ ଓ ତାତ୍ତ୍ୱିକ କବି । ଭଗବାନ ବୁଦ୍ଧ, ମହାବୀର, ଚୈତନ୍ୟଙ୍କ ଭଳି ମହାନ୍ ଯୋଗୀ ଥିଲେ ଅରକ୍ଷିତ ଦାସ । ରାମକୃଷ୍ଣ ପରମହଂସ, ନିଗମାନନ୍ଦ, ଅରବିନ୍ଦଙ୍କ ଭଳି ସାଧକ ଥିଲେ । ଦୟାନନ୍ଦ ସରସ୍ୱତୀ ଯେପରି ସମାଜରେ ସଂସ୍କାର ଆଣିବାକୁ ଉଦ୍ୟମ କରିଥିଲେ ଅରକ୍ଷିତ ଦାସ ସେମିତି ଧର୍ମଜଗତରେ, ସମାଜରେ ସଂସ୍କାର ଆଣିଥିଲେ । ଶୂଦ୍ରମୁନି ସାରଳା ଦାସ, ସନ୍ଥକବି ଭୀମ ଭୋଇଙ୍କ ପରି ତାତ୍ତ୍ୱିକ ରଚନା କରିଯାଇଛନ୍ତି - ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ବ୍ରହ୍ମଭାବନା ମଧ୍ୟରେ ଅରକ୍ଷିତ ଦାସଙ୍କ ମାନବିକ ଚେତନା ବିଦ୍ୟମାନ । ସେ ଥିଲେ ପରମଜ୍ଞାନୀ, ସନ୍ଥ । ସନ୍ଥ ସେହିମାନେ, ଯେଉଁମାନେ ପରର ମଙ୍ଗଳ ସାଧନ କରିଥାନ୍ତି । 'ଭର୍ତ୍ତୃହରିଙ୍କ ନୀତି ଶତକମ୍'ରେ ସମ୍ପର୍କରେ ଉଲ୍ଲେଖ ରହିଛି - ''ସନ୍ତଃ ସ୍ୱୟଂ ପରିହିତେ ବିହିତାଭିଃ ଯୋଗୀ ।'' ଅରକ୍ଷିତ ଦାସଙ୍କ କ୍ଷେତ୍ରରେ ଏ ଶ୍ଳୋକର ଯଥାର୍ଥତା ପରିଦୃଷ୍ଟ ହୋଇଥାଏ । ଓଳାଶୁଣୀ ଗୁମ୍ଫା ମହାପୁରୁଷଙ୍କ ସାଧନାର ପୀଠ ଥିଲା । ଏଠାରେ ପ୍ରତିବର୍ଷ ମାଘ ମାସ କୃଷ୍ଣପକ୍ଷ ଏକାଦଶୀ (ତିରୋଧାନ ଦିବସ) ଦିନଠାରୁ ନବଦିନବ୍ୟାପୀ ବିରାଟ ମେଳା ଆୟୋଜିତ ହୁଏ । ଏହା 'ଓଳାଶୁଣୀ ମେଳା' ଭାବେ ବିଖ୍ୟାତ । ସାଧକଙ୍କ ଧର୍ମ, ଦର୍ଶନ, ସାହିତ୍ୟ କୃତି ସମ୍ପର୍କରେ ଓଡ଼ିଶାର ବହୁ ଗବେଷକ ଉଚ୍ଚକୋଟୀର ନିବନ୍ଧ, ପ୍ରବନ୍ଧ ଲେଖିଛନ୍ତି; କିନ୍ତୁ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଓଡ଼ିଶାର ଅନ୍ୟାନ୍ୟ ସନ୍ଥମାନଙ୍କ ଭଳି ଅରକ୍ଷିତ ଦାସଙ୍କ ଉପରେ ସେତେଟା ଆଲୋଚନା ହୋଇନାହିଁ । ମହାପୁରୁଷ ଅରକ୍ଷିତ ଦାସ ଅନେକ କ୍ଷୁଦ୍ର ବୃହତ୍ ଗ୍ରନ୍ଥ ଲେଖିଯାଇଛନ୍ତି । ବହୁ ଭଜନ, ଜଣାଣ, ଚଉତିଶା, ମହାକବଚ ମନ୍ତ୍ର ରହିଛି । ସେ ସବୁ ଗ୍ରନ୍ଥ ମଧ୍ୟରେ ରହିଛି - ମହୀମଣ୍ଡଳ ଗୀତା, ଗୁପ୍ତ ଟୀକା, ଭକ୍ତିଟୀକା, ଶବ୍ଦ ସଂହିତା, ଅବଧୂତ ସଂହିତା, ଭଜନାବଳୀ, ତତ୍ତ୍ୱସାର ଗୀତା, ଦୂତୀବୋଧିନୀ, ମୋକ୍ଷଉପାଧି ପ୍ରଭୃତି ୧୯ଟି ପୁସ୍ତକ । ସେଥିମଧ୍ୟରୁ ୧୨ଟି ପୁସ୍ତକ ପ୍ରକାଶ ପାଇଛି । ଅବଶିଷ୍ଟ ସାତଟି ପୁସ୍ତକ ମହାଗୁପ୍ତ ପଦ୍ମକଳ୍ପ, କଳିକଳ୍ପ, ଗୁଜ୍ଜରୀରାସ, ଇନ୍ଦ୍ର ଗୋବିନ୍ଦ ଟୀକା, ଶିବକଳ୍ପ, ବ୍ରହ୍ମକଳ୍ପ ଓ ମହୀମଣ୍ଡଳ ସ୍ତୁତି ଏଯାବତ୍ ପ୍ରକାଶ ପାଇ ନାହିଁ । ଆସନ୍ତୁ ଜାଣିବା ପ୍ରକାଶିତ ଏକାଧିକ ପୁସ୍ତକର ହୃଦୟ ସ୍ପର୍ଶୀ ତଥ୍ୟ ।

**ମହୀମଣ୍ଡଳ ଗୀତା** - କବିଙ୍କ ସର୍ବଶ୍ରେଷ୍ଠ ଦର୍ଶନତତ୍ତ୍ୱ ସମ୍ବଳିତ ଗ୍ରନ୍ଥ । ଏଥିରେ ମୋଟ ୯୩ଟି ଅଧ୍ୟାୟ ରହିଛି । ପ୍ରତ୍ୟେକ ଅଧ୍ୟାୟ ମନ ଚୈତନ୍ୟ ସମ୍ବାଦ ଛଳରେ ବର୍ଣ୍ଣିତ । ନବାକ୍ଷରୀ ବୃତ୍ତରେ ଏହା ରଚିତ । ଆନୁମାନିକ ଗ୍ରନ୍ଥଟି - ୧୮୦୫ ଖ୍ରୀ.ଅ.ରୁ ୧୮୩୫ ଖ୍ରୀ.ଅ. ମଧ୍ୟରେ ଲିଖିତ । ଅରକ୍ଷିତ ଦାସ ଖଣ୍ଡଗିରି ପର୍ବତରେ ସାଧନାରତ ଥିବା ସମୟରେ ଉକ୍ତ ଗ୍ରନ୍ଥର ରଚନା ଆରମ୍ଭ କରିଥିଲେ । ୩୫ଟି ଅଧ୍ୟାୟ ସେ ଏଠାରେ ଲେଖିଲେ ଓ ଅବଶିଷ୍ଟ ଅଧ୍ୟାୟ ଓଳାଶୁଣୀଠାରେ ସମାପ୍ତ କରିଥିଲେ । ୧୯୭୦ ମସିହାରେ 'ମହୀମଣ୍ଡଳ ଗୀତା'ର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ଗ୍ରନ୍ଥର ପ୍ରଥମ ପାଞ୍ଚୋଟି ଅଧ୍ୟାୟରେ ପଞ୍ଚଭୂତ ମହିମା, ୬ଷ୍ଠରୁ ୧୩ଶ ଅଧ୍ୟାୟରେ ବିଭୂତି ମହିମା, ୧୪ଶ ଓ ୧୫ଶ ଅଧ୍ୟାୟରେ ଆତ୍ମାର ମହିମା, ୧୬ଶ ଓ ୧୭ଶ ଅଧ୍ୟାୟରେ ନାମର ମହିମା । ୧୮-୨୫ ଅଧ୍ୟାୟରେ ଆଜ୍ଞାର ମହିମା । ୨୬-୨୭ ଅଧ୍ୟାୟରେ ଭକ୍ତି ଯୋଗ ବର୍ଣ୍ଣିତ । ୨୮ ଛାନ୍ଦରେ ମହାଶୂନ୍ୟ କଥା, ୨୯-୩୦ରେ ଓଁକାର ମହିମା ପ୍ରଭୃତି ଏଥିରେ ରହିଛି । ଗ୍ରନ୍ଥର ଶେଷଭାଗରେ ୮୨ ଅଧ୍ୟାୟରୁ ୯୩ ଅଧ୍ୟାୟରେ ଅକ୍ଷର ମହିମା ବର୍ଣ୍ଣିତ । ଗ୍ରନ୍ଥର ୫୦-୫୫ ଛାନ୍ଦ ମଧ୍ୟରେ ସହସ୍ର ନାମ ବର୍ଣ୍ଣନା ରହିଛି । ସେହିପରି ଜୀବ-ପରମଭାବ ବିଷୟ ୫୬-୬୫ ଅଧ୍ୟାୟରେ ସ୍ଥାନ ପାଇଛି ।

ଏହା ମହାପୁରୁଷଙ୍କ ଆତ୍ମଜୀବନୀ । ଏହି ପବିତ୍ର ଗ୍ରନ୍ଥରେ ମୋଟ ଉପରେ ସନ୍ନ୍ୟାସୀର ସାଧନାମୟ ଜୀବନ, ସାଧନା ଓ ସିଦ୍ଧିପ୍ରାପ୍ତ, ଧର୍ମତତ୍ତ୍ୱ ବର୍ଣ୍ଣିତ । ଗ୍ରନ୍ଥର ୨୯-୩୦ ଅଧ୍ୟାୟରେ ଓଁକାର ବର୍ଣ୍ଣନା ସ୍ଥାନିତ ହୋଇଛି । ଗ୍ରନ୍ଥର ୯୨ ଅଧ୍ୟାୟରେ ଅକ୍ଷରର ମହିମା ସ୍ଥାନ ପାଇଛି । 'ମହୀମଣ୍ଡଳଗୀତା' ବ୍ରହ୍ମ, ନାମ ଭକ୍ତି, ସପ୍ତାଙ୍ଗ ଯୋଗ, ମହାଶୂନ୍ୟର ବର୍ଣ୍ଣନା କେବଳ ରହିନାହିଁ, ଏଥିରେ ରହିଛି ମହାପୁରୁଷଙ୍କ ଆଧ୍ୟାତ୍ମିକ ଦର୍ଶନ, ମାନବବାଦୀ ଚିନ୍ତାଧାରା । ତାଙ୍କ ମତରେ ଏ ଜଗତରେ ସମସ୍ତେ ସମାନ । ଏଠାରେ ଉଚ୍ଚନୀଚ ଭେଦଭାବ ନାହିଁ । ସକଳ ଶାସ୍ତ୍ର ଗ୍ରନ୍ଥ ମଧ୍ୟରେ 'ମହୀମଣ୍ଡଳ ଗୀତା' ଶ୍ରେଷ୍ଠ । ଭକ୍ତି ଭାବରେ, ନାମ ରସରେ, ଆଧ୍ୟାତ୍ମିକତାରେ ଏହା ପୂର୍ଣ୍ଣ । 'ମହୀମଣ୍ଡଳ ଗୀତା' ପବିତ୍ର । ପଞ୍ଚ ମହାଭୂତତତ୍ତ୍ୱ, ବ୍ରହ୍ମତତ୍ତ୍ୱ, ନାମ ମହିମାରେ ଏହା ଝଙ୍କୃତ ହୋଇଛି । ଜଗତ ବକ୍ଷରେ ଆଲୋକ ଦେଖାଇଛି । ଏହାକୁ ଶ୍ରବଣ କଲେ ମନ, ଦେହ ପବିତ୍ର ହେବ । ଗ୍ରନ୍ଥକୁ ଭେଦ କଲେ ସଂସାରର ଭେଦ କରିପାରିବ । ଗ୍ରନ୍ଥର ଶ୍ରେଷ୍ଠତା ସମ୍ପର୍କରେ 'ତତ୍ତ୍ୱସାର ଗୀତା'ରେ ଲେଖାଅଛି ।

**ବାଲ୍ୟବୋଧ ଗୀତା -** ମନ ଚୈତନ୍ୟ ସମ୍ବାଦ କ୍ରମରେ 'ବାଲ୍ୟବୋଧ ଗୀତା' ରଚିତ । ମାତ୍ର ପାଞ୍ଚଟି କକ୍ଷ ବା ଅଧ୍ୟାୟ ଏଥିରେ ରହିଛି । ପ୍ରଥମ କକ୍ଷରେ ମହାପୁରୁଷଙ୍କ ଜନ୍ମବୃତ୍ତାନ୍ତ, ବ୍ରହ୍ମର ଚୂଡ଼ାବର୍ଣ୍ଣ, ଦଶବତାର ପ୍ରଭୃତର ବର୍ଣ୍ଣନା ଦ୍ୱିତୀୟ କକ୍ଷରେ ମହାପୁରୁଷଙ୍କ ବାଲ୍ୟାବସ୍ଥା, ବିଦ୍ୟା ଅଧ୍ୟୟନ ପ୍ରଭୃତି ବର୍ଣ୍ଣିତ, ବିଦ୍ୟା ଅଧ୍ୟୟନ ପ୍ରତି ଅରକ୍ଷିତଙ୍କ ଆଗ୍ରହ ନଥିଲା । ବିଳାସବ୍ୟସନକୁ ସେ ଘୃଣା କରୁଥିଲେ । କ୍ରମଶଃ ଅରକ୍ଷିତ ଦଶବର୍ଷରେ ପଦାର୍ପଣ କଲେ । ପୁତ୍ର ପାଠ ନ ପଢ଼ିବାରୁ ପିତାଙ୍କ ମନ ସର୍ବଦା ବିରସ ଭାବ ରହୁଥାଏ । ଏମିତି କିଛି ବର୍ଷ ବିତିଗଲା । ପୁତ୍ରକୁ ରାଜା ନୃପସେନଙ୍କ କନ୍ୟା ସହିତ ବିବାହ କରାଇବାକୁ ସ୍ଥିର କଲେ; କିନ୍ତୁ ଅରକ୍ଷିତ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଚତୁର୍ଥ କକ୍ଷରେ ଅରକ୍ଷିତ ଦାସଙ୍କ ସଂସାର ପ୍ରତି ବିରାଗ ଭାବ ବର୍ଣ୍ଣିତ । ପଞ୍ଚମ କକ୍ଷରେ ତାଙ୍କର ଗୃହତ୍ୟାଗ ବିଭିନ୍ନ ସ୍ଥାନ ଭ୍ରମଣ ଓ ପରିଶେଷରେ ଓଲାଶୁଣୀରେ ସାଧନା ଓ ଅବସ୍ଥାନ ବର୍ଣ୍ଣିତ ।

**ଶକାବ୍ଦ ସଂହିତା -** ଗୋଟିଏ ମାତ୍ର ଶ୍ଳୋକକୁ ନେଇ ରଚିତ ଏଇ କ୍ଷୁଦ୍ର ପୁସ୍ତକଟିରେ ଶୂନ୍ୟ ପୁରୁଷ, ନାମ ବ୍ରହ୍ମର ପରାକାଷ୍ଠା ବର୍ଣ୍ଣିତ । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି-ଚାରିଯୁଗ । ଚାରି ବେଦ, ଚାରି ଧାମ, ଚାରି କାଳ । ନାମର ମାହାତ୍ମ୍ୟ ଏଥିରେ ବର୍ଣ୍ଣିତ । ଉକ୍ତ 'ଶକାବ୍ଦ'ରେ ଅରକ୍ଷିତ ଦାସଙ୍କ ଅର୍କ୍ଷିତ ନାମକରଣ ସମ୍ପର୍କରେ ବର୍ଣ୍ଣନା ଅଛି । ଅଣାକାର ମହିମା ଓ ଅଚ୍ୟୁତଗୁରୁ ପ୍ରସନ୍ନ ସମ୍ବାଦ ମଧ୍ୟରେ ଏଥିରେ ରହିଛି ।

**ଅବଧୂତ ସଂହିତା -** ଏହା ଏକ କ୍ଷୁଦ୍ର ପୁସ୍ତିକା । ଏଥିରେ ଅରକ୍ଷିତ ଦାସଙ୍କ ବନଭ୍ରମଣ, ପ୍ରହଲ୍ଲାଦଙ୍କ ସହ ସାକ୍ଷାତ ବିଷୟ ବର୍ଣ୍ଣିତ । ସାଧୁସନ୍ଥମାନେ ଭଗବତ୍ ଶକ୍ତିର ପ୍ରତୀକ ।

**ଭକ୍ତିଟୀକା -** ନାମବ୍ରହ୍ମର ଉପାସକ ଥିଲେ ମହାପୁରୁଷ ଅରକ୍ଷିତ ଦାସ । ସେ ଚିତ୍ରକୂଟରେ ସାଧନାରତ ଥିବା ସମୟରେ ଏହାକୁ ରଚନା କରିଥିଲେ । ଆତ୍ମଜ୍ଞାନ ଦର୍ଶନର ମାହାତ୍ମ୍ୟ ଏଥିରେ ବର୍ଣ୍ଣିତ । ପାଞ୍ଚ ଅଧ୍ୟାୟ ବିଶିଷ୍ଟ ଉକ୍ତ ପୁସ୍ତକରେ ସଂସ୍କୃତ ଶ୍ଳୋକର ଭାବାର୍ଥ ଗୀତ ଆକାରରେ ପ୍ରକାଶ କରିଛନ୍ତି କବି । ପ୍ରଥମ ଅଧ୍ୟାୟରେ ବେଦର ମାହାତ୍ମ୍ୟ, ବ୍ରହ୍ମର ଗୁରୁତ୍ୱ ବର୍ଣ୍ଣିତ । ଦ୍ୱିତୀୟ ଅଧ୍ୟାୟରେ ନାମର ମାହାତ୍ମ୍ୟ ମନଚୈତନ ସମ୍ବାଦ ଛଳରେ ବର୍ଣ୍ଣିତ । ପୁଣି ଉକ୍ତ ଅଧ୍ୟାୟରେ ଶରୀର ଭେଦ, ଶରୀର ଧାରଣରବିଧି ଭକ୍ତି ଯୋଗ ବର୍ଣ୍ଣିତ । ତୃତୀୟ ଅଧ୍ୟାୟରେ ଅଣାକାର, ଅବ୍ୟକ୍ତ ଭଗବାନ ବିଷ୍ଣୁଙ୍କ ମହିମାର ଜୟଗାନ କରାଯାଇଛି । ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ଯିଏ ନିଜକୁ ଢ଼ାଳି ଦେଇଛି, ଜୀବନସାରା ସ୍ମରଣ କରିଛି, ସିଏ ଶ୍ରେଷ୍ଠ ଭକ୍ତ ।

ମଣିଷର ଶରୀରରେ ସ୍ୱୟଂ ପରଂବ୍ରହ୍ମ ବିଦ୍ୟମାନ । ତେଣୁ ତାଙ୍କୁ ଏକାଗ୍ର ଚିତ୍ତରେ ଭଜନ କରିବାକୁ କବି ନିବେଦନ କରିଛନ୍ତି । ବିଷ୍ଣୁଙ୍କ ବିଚାରରେ ଆତ୍ମ ଏକ । ତା'ର ଅନେକ ରୂପ ନାହିଁ । ଭଗବାନଙ୍କର ଭକ୍ତ ଯିଏ, ତା'ର ଶୁଭ ଅଶୁଭ ନାହିଁ । ତେଣୁ କବି ସମଗ୍ର ଜଗତବାସୀଙ୍କୁ ନିବେଦନ ଜଣାଇଛନ୍ତି, ଭଗବାନ ବିଷ୍ଣୁଙ୍କୁ ମନଧ୍ୟାନ ଦେଇ ଆରାଧନା କରିବାକୁ । ନାମର ମାହାତ୍ମ୍ୟ ଅକଳନ । ନାମରେ ମନୁଷ୍ୟ ଏ ଭବସାଗରରୁ ତରିଯାଏ । ପଞ୍ଚମ ଅଧ୍ୟାୟରେ ଭକ୍ତର ମହିମା ବର୍ଣ୍ଣିତ । ଭକ୍ତ ସହିତ ଭଗବାନଙ୍କ ସମ୍ପର୍କ ନିବିଡ଼ । ଭକ୍ତିର ଶକ୍ତି ଅଧିକ । ଭକ୍ତ ଯେଉଁଠି ବାସ କରେ, ସକଳ ତୀର୍ଥର ସମାଗମ ସେଠାରେ ଘଟେ । ଭକ୍ତିରେ ଭଗବତ ପ୍ରାପ୍ତି । ଏହା ବିନା ଅନ୍ୟଗତି ନାହିଁ । ଯେଉଁମାନେ ପରମେଶ୍ୱରଙ୍କ ଚରଣାଶ୍ରିତ ହୁଅନ୍ତି, ଏ ମାୟା ସଂସାରରୁ ତରିଯାନ୍ତି ଭଗବତ କୃପାରେ ଭକ୍ତର ହୃଦୟ ମଧ୍ୟରେ ଭକ୍ତି ଭାବ ଜନ୍ମିଥାଏ । ଭକ୍ତିମାର୍ଗରେ ଯାଉଥିବା ମଣିଷ ଶହେ ଜନ୍ମ ପାଇବ । ନାମ ଓ ଭକ୍ତିର ମହିମାରେ ମଣ୍ଡିତ ହୋଇଛି ପୁସ୍ତକଟି ।

**ତତ୍ତ୍ୱସାର ଗୀତା -** ଚତୁର୍ଦ୍ଦଶ ଅଧ୍ୟାୟ ବିଶିଷ୍ଟ ଉକ୍ତ ଗ୍ରନ୍ଥରେ ମହାପୁରୁଷଙ୍କ ଜ୍ଞାନ ଯୋଗ, ଭକ୍ତିଯୋଗର ମାହାତ୍ମ୍ୟ ବର୍ଣ୍ଣିତ । ପ୍ରଥମ ଅଧ୍ୟାୟରେ ପ୍ରଭୁଙ୍କ ଜଣାଣ, ଦ୍ୱିତୀୟ ଅଧ୍ୟାୟରେ ମହାପୁରୁଷଙ୍କ ଜନ୍ମ କଥନ ବର୍ଣ୍ଣିତ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି - ଘୋର କଳିକାଳ ଉପସ୍ଥିତ ହେବ, ପ୍ରାଣୀମାନେ ଅନ୍ୟାୟ କାର୍ଯ୍ୟରେ ଲିପ୍ତ ରହିବେ । ଅଧର୍ମରେ ମାତି ଧର୍ମକୁ ଛାଡ଼ିବେ । ଅଦୋଷ ପ୍ରାଣୀଙ୍କୁ ଦଣ୍ଡ ଦେବେ । ଚତୁର୍ଥ ଅଧ୍ୟାୟରେ ଏକାକ୍ଷର ମନ୍ତ୍ରର ମାହାତ୍ମ୍ୟ, ଏକାକ୍ଷର ବିଧାନ, ମହୀମଣ୍ଡଳ ଗୀତାର ଶ୍ରେଷ୍ଠତା ପ୍ରଭୃତି ବର୍ଣ୍ଣିତ । ପଞ୍ଚମ ଅଧ୍ୟାୟରେ ଅକ୍ଷର କଳ୍ପବଟର ଜନ୍ମବୃତ୍ତାନ୍ତ, ଅଚ୍ୟୁତଙ୍କ ଜନ୍ମ କଥା, ଚାରି ଗୁଣର ବିବରଣ ସ୍ଥାନ ପାଇଛି । ଷଷ୍ଠ ଅଧ୍ୟାୟରେ ଚାରି ଯୁଗର ବିଧାନ, କଳିଯୁଗରେ ମନୁଷ୍ୟର ହୀନ ଆଚରଣ, ଅଧର୍ମ ଅନୀତିର ଚିତ୍ର ସୁନ୍ଦର ଭାବେ ଫୁଟି ଉଠିଛି । ମହାପୁରୁଷଙ୍କ ଆବିର୍ଭାବ ଓ ତାଙ୍କ ଦର୍ଶନରେ ଲୋକଙ୍କର ପାପନାଶ କିପରି ହେବ ବର୍ଣ୍ଣନା କରିଛନ୍ତି । ସପ୍ତ ଅଧ୍ୟାୟରେ ପୁଷ୍ପବତୀ ନଦୀର ମହିମା, ପୁଷ୍ପକୁ ସକଳ ବ୍ରହ୍ମାଣ୍ଡର ସୃଷ୍ଟି ରହସ୍ୟ - ସତାଇଶି ନକ୍ଷତ୍ର, ପାଞ୍ଚ ମନ, ଷଡ଼ଚକ୍ର, ଏଗାର କରଣ, ପଚିଶ ପ୍ରକୃତି, ବାରମାସ, ସାତବାର, ପନ୍ଦର ତିଥି, ଅମାବାସ୍ୟା, ପୂର୍ଣ୍ଣିମା ସବୁ ପୁଷ୍ପରୁ ସୃଷ୍ଟି । ଅଷ୍ଟମ ଅଧ୍ୟାୟରେ ପୁଣି ସେଇ ପୁଷ୍ପର ମହିମା ବର୍ଣ୍ଣିତ । ସମସ୍ତ ଫଳ, ମୂଳ, ଶାଗ, ଦୁଦୁରା, ତୁଳସୀ, ବିଛୁଆତି, କରଞ୍ଜ, ଗୁଆ, ପାନ ଯାବତୀୟ ପଦାର୍ଥର ସୃଷ୍ଟି ହୋଇଛି ଏ ପୁଷ୍ପରୁ । ଏ ପୁଷ୍ପର ଅର୍ଥ ଗୁପ୍ତ ଅଥଚ ମହିମାବନ୍ତ । ଇଏ ଜଗତର ମୂଳ-ଆଦିବ୍ରହ୍ମ । କବି ସମସ୍ତଙ୍କୁ ନିବେଦନ କରିଛନ୍ତି, ଏଥିରେ ନିଜକୁ ସମର୍ପି ଦେବାକୁ । ୯ମ ଓ ୧୦ମ ଅଧ୍ୟାୟରେ ମଧ୍ୟ ସେଇ ପୁଷ୍ପର ମହିମା ବର୍ଣ୍ଣିତ । ୧୧ଶ ଅଧ୍ୟାୟରେ ନାରୀ ପୁଷ୍ପବତୀ, ରଜୋବତୀ ଓ ସେହି ସବୁ ଦିନର ବିଧିବିଧାନ, ଶିଶୁ ମାତୃଗର୍ଭରେ ପଡ଼ିବା, ୧୨ ଅଧ୍ୟାୟରେ ଗର୍ଭରେ ରଜବୀର୍ଯ୍ୟ ପ୍ରବେଶ ପରଠୁଁ ଶିଶୁଜନ୍ମ ଯାଏଁ କ୍ରିୟାପ୍ରକ୍ରିୟା, ଜନ୍ମ ପରବର୍ତ୍ତୀ ନାଡ଼କଟା, ପଞ୍ଚୁଆତି, ଷଷ୍ଠବିଧି, ଏକୋଶିଆ ପ୍ରଭୃତି ଏଥିରେ ବର୍ଣ୍ଣିତ । ତ୍ରୟୋଦଶ ଅଧ୍ୟାୟରେ ଅପାର ମହିମା ସ୍ଥାନ ପାଇଛି । ଭଗବାନଙ୍କୁ ଧ୍ୟାନ କରି ବିଭୀଷଣ, ଧ୍ରୁବ, ପ୍ରହଲ୍ଲାଦ, ବାସୁକି, ପରୀକ୍ଷିତ ନାରଦ, ଅହଲ୍ୟା, ସୁଗ୍ରୀବ, କୁବୁଜା, ମୃଗୁଣୀ, ଦ୍ରୌପଦୀ, ଦେବକୀ, ଭବସାଗରରୁ ତରିଛନ୍ତି । ଅରକ୍ଷିତ ଦାସଙ୍କ ତାତ୍ତ୍ୱିକ ତଥା ଦାର୍ଶନିକ ଚିନ୍ତନ ଏଥିରେ ବର୍ଣ୍ଣିତ । ଚତୁର୍ଦ୍ଦଶ ଅଧ୍ୟାୟରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଜୀବ-ପରମ ଭାବ, ଜୀବନ ଦର୍ଶନ, ପଞ୍ଚଭୂତର ମହିମା, ନବଖଣ୍ଡ ପୃଥିବୀର ମାହାତ୍ମ୍ୟ, ଶୂନ୍ୟ ମଣ୍ଡଳ ଓ ଶୂନ୍ୟ ପୁରୁଷର ତତ୍ତ୍ୱ ବର୍ଣ୍ଣିତ । ମହାପୁରୁଷଙ୍କ ତତ୍ତ୍ୱସାର ଗୀତା ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ଭାବ, ମାନବବାଦିତା ବ୍ରହ୍ମତତ୍ତ୍ୱରେ ପରିପୂର୍ଣ୍ଣ ହୋଇଛି ।

**ଦୂତୀ ବୋଧିନୀ -** ଅରକ୍ଷିତ ଦାସଙ୍କର ଏହି କ୍ଷୁଦ୍ର ପୁସ୍ତକଟି ଚଉତିଶା ରୀତିରେ ରଚିତ । ମହାପୁରୁଷଙ୍କ ଜୀବନଉପରେ ରାଧାକୃଷ୍ଣଙ୍କ କରୁଣା, (ଜୀବପରମ)ଙ୍କ ଯମୁନା ତୀରରେ ଲୀଳାଖେଳ ବର୍ଣ୍ଣିତ । ଚଉତିଶାଟିରେ ବ୍ରହ୍ମ ଦର୍ଶନର ତତ୍ତ୍ୱକୁ ବର୍ଣ୍ଣନା କରି କବି ଜଗତବାସୀଙ୍କୁ ଶ୍ରୀକୃଷ୍ଣଙ୍କ ଚରଣାଶ୍ରିତ ହେବାକୁ ଆହ୍ୱାନ୍ ଦେଇଛନ୍ତି । ଏ ଦେହ ଛାର, ଅଳିକ । ଆଖିପିଛୁଳାକରେ ତୋ ଦେହରୁ ଜୀବ ପଳାଇଯିବ । ହୃଦୟମଧ୍ୟରୁ ବଡ଼ପଣ ଛାଡ଼ି ତାଙ୍କର ଶରଣ ଛାଡ଼ି ତାଙ୍କର ଶରଣ ପଶେ । ଏ ଭବସାଗରରୁ ପାର ହେବା ପାଇଁ 'ଦୂତୀବୋଧିନୀ' ଏକ ଆଲୋକବର୍ତ୍ତିକା ।

**ମୋକ୍ଷ ଉପାଧି -** ମହାପୁରୁଷଙ୍କ ଉକ୍ତ ଗ୍ରନ୍ଥରେ ୩୧ଟି ଅଧ୍ୟାୟ ରହିଛି । ଏଥିରେ ମୋକ୍ଷର ମାହାତ୍ମ୍ୟ ବର୍ଣ୍ଣିତ । ଦ୍ୱିତୀୟ ଅଧ୍ୟାୟରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, କେଉଁ ରୂପରେ ଜୀବ ମୋକ୍ଷ ହୋଇ ଶୁନ୍ୟକୁଯାଏ, ମା'ଙ୍କର ମହିମା ସମ୍ପର୍କରେ ବର୍ଣ୍ଣିତ ଅଛି । ଲୋମାଞ୍ଚ - ବିରାଟ କଥା ପ୍ରସଙ୍ଗରେ କବି ମୋକ୍ଷର ମାର୍ଗ ଏଠାରେ ଦର୍ଶାଇଛନ୍ତି । ଓଁକାର ହେଉଛି ଶରୀର । ଲଲାଟ ଚକ୍ର ମଧ୍ୟରେ ଥିବା ସ୍ଥାନ ବ୍ରହ୍ମର ଆସନ । ଶୂନ୍ୟ ହେଉଛି ମସ୍ତକ । ଜନ୍ମ-ମୃତ୍ୟୁ ଖେଳ ସ୍ୱୟଂ ପରମେଶ୍ୱରଙ୍କର । ବ୍ରହ୍ମ ନାମ ହିଁ ସଂସାରରେ ସାର । ବିରାଟ ଲୋମାଞ୍ଚଙ୍କୁ କହୁଛନ୍ତି - ହେ ଲୋମାଞ୍ଚ, ଜାଗ୍ରତ ହୁଅ, ନିତ୍ୟ ନାମକୁ ଧ୍ୟାନ କର । ମୁକ୍ତିର ରାସ୍ତା ପାଇବ । ପଞ୍ଚମ ଅଧ୍ୟାୟରେ ଅଛି - 'ସି'ର ଅର୍ଥ ମସ୍ତକ, 'ଦ୍ଧି'ର ଅର୍ଥ କର୍ଣ୍ଣ 'ର' ଅର୍ଥ ନୟନ ଓ 'ସ୍ତୁ'ର ଅର୍ଥ ନାସାଗହ୍ୱର । ଏହି ତତ୍ତ୍ୱ ଏଥିରେ ଅଛି । ଷଷ୍ଠ ଅଧ୍ୟାୟରେ ନାମର ମାହାତ୍ମ୍ୟ ବର୍ଣ୍ଣିତ । ଭଗବାନ୍ ସକଳ ଘଟରେ ପୂରିଛନ୍ତି । ଶୂନରେ ବିରାଜୁଛନ୍ତି । ସପ୍ତମ ଅଧ୍ୟାୟରେ ଧ୍ୱନି ତତ୍ତ୍ୱ, ଅଷ୍ଟମ ଅଧ୍ୟାୟରେ ନିଷ୍କାମନା ଚେତନା, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ନବମ ଅଧ୍ୟାୟରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଦଶମ ଅଧ୍ୟାୟରେ ମୋକ୍ଷ ମାର୍ଗ ବର୍ଣ୍ଣିତ । ଏକାଦଶ ଅଧ୍ୟାୟରେ ବ୍ରହ୍ମଦର୍ଶନ, ଆତ୍ମଜ୍ଞାନ ଭାବ ଓ ମୋକ୍ଷର ମାର୍ଗ ବର୍ଣ୍ଣିତ । ଦ୍ୱାଦଶ ଅଧ୍ୟାୟରେ ମୁକ୍ତିମାର୍ଗ, ତ୍ରୟୋଦଶ ଅଧ୍ୟାୟରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଚତୁର୍ଦ୍ଦଶ ଅଧ୍ୟାୟରେ ଅନାଦିଶକ୍ତି, ମାଦଳିଶକ୍ତି ମୋକ୍ଷର ମାର୍ଗ ବର୍ଣ୍ଣିତ । ପଞ୍ଚଦଶ ଅଧ୍ୟାୟରେ ମାତୃଶକ୍ତିର ପରାକାଷ୍ଠା, ଷୋଡ଼ଶ ଅଧ୍ୟାୟରେ ଜୀବପରମ ତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ସ୍ଥାନ ପାଇଛି । ୧୭ଶ ଅଧ୍ୟାୟରେ ବ୍ରହ୍ମାଣ୍ଡ ଭେଦ, ମୋକ୍ଷ ମାର୍ଗ, ୧୮ଶ ଅଧ୍ୟାୟରେ ଜ୍ଞାନ ମାର୍ଗ, ସଦ୍‌ଗୁରୁ ସେବା ଭାବ ବର୍ଣ୍ଣିତ । ଉନବିଂଶ ଓ ବିଂଶ ଅଧ୍ୟାୟରେ ମୋକ୍ଷର ବିଚାର, ଜ୍ଞାନଚକ୍ଷୁ ଉଦୟରେ ମୋକ୍ଷର ମାର୍ଗ ଖୋଲିବା, ପିଣ୍ଡ ବ୍ରହ୍ମାଣ୍ଡ ଗତିରେ ମା'ଙ୍କ ଆଜ୍ଞା ପାଳନ ପ୍ରଭୃତି ତତ୍ତ୍ୱ ବର୍ଣ୍ଣିତ । ୨୧ ଓ ୨୨ ଅଧ୍ୟାୟରେ ଶରୀର ତତ୍ତ୍ୱ । ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ରହିଛି । ଶୂନ୍ୟର ବର୍ଣ୍ଣ ହୋଇଛି । ଶୂନ୍ୟବର୍ଣ୍ଣ ଦୁଇ ଶକ୍ତି ମିଶି ଏକ ଶକ୍ତି ହୋଇଛି । ଶକ୍ତି ଅନିତ୍ୟ । ଏହି ମାୟାତତ୍ତ୍ୱ ଗ୍ରନ୍ଥର ତ୍ରୟୋବିଂଶ ଅଧ୍ୟାୟରେ ବର୍ଣ୍ଣିତ । ୨୪ଶ ଅଧ୍ୟାୟରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ପଞ୍ଚଭୂତ ମହିମା ବର୍ଣ୍ଣିତ ପଞ୍ଚବିଂଶ ଓ ଷଡ଼ବିଂଶ ଅଧ୍ୟାୟରେ ମାଦଳି ଶରୀର ତତ୍ତ୍ୱ, ସପ୍ତବିଂଶ ଅଧ୍ୟାୟରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ବର୍ଣ୍ଣିତ । ଗ୍ରନ୍ଥର ତ୍ରୟୋବିଂଶ ଅଧ୍ୟାୟରେ ବର୍ଣ୍ଣିତ । ୨୪ ଅଧ୍ୟାୟରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ପଞ୍ଚଭୂତ ମହିମା ବର୍ଣ୍ଣିତ । ୨୮ ଛାନ୍ଦ ଓ ୨୯ଶ ଅଧ୍ୟାୟରେ ନିର୍ବିକଳ୍ପ ଚେତନା ଭାବ, ମୋକ୍ଷ ମାର୍ଗ । ୩୦ଶ ଅଧ୍ୟାୟରେ ମାଦଳ ତତ୍ତ୍ୱ ରହିଛି । ଶେଷ ଅଧ୍ୟାୟରେ ଭକ୍ତିମାର୍ଗ, ଭକ୍ତର ଚିହ୍ନ ବର୍ଣ୍ଣିତ । ଧ୍ରୁବ ପ୍ରହଲ୍ଲାଦ, ହନୁମାନ, ବିଭୀଷଣ, ସୁଗ୍ରୀବ ପ୍ରଭୃତି ଭକ୍ତ, ମୋକ୍ଷ ହୋଇଛନ୍ତି । କଳି ଯୁଗରେ ଧର୍ମରେ ଅବକ୍ଷୟ ଘଟିବ । ଯାହା ପାଖରେ ଭକ୍ତି ଲକ୍ଷଣ ରହିଛି, ସେ ମୋକ୍ଷ ପାଇବ । ମହାପୁରୁଷଙ୍କ ଉକ୍ତ ଗ୍ରନ୍ଥ ମନୁଷ୍ୟ ଜୀବନରେ ମୋକ୍ଷ ଆଣିବ ।

**ଭଜନାବଳୀ -** ଅରକ୍ଷିତ ଦାସଙ୍କ ଅନେକ ଜଣାଣ, ଭଜନ ଓ ଚଉତିଶା ରହିଛି। ଆଧ୍ୟାତ୍ମିକ ଭାବନାରେ ଏ ଗୁଡ଼ିକ ପରିପୂର୍ଣ୍ଣ। ସାଂସାରିକ ମୋହ ମାୟା, ଆସକ୍ତିରୁ ଦୂରରେ ରହିବା ପାଇଁ କବି ଭଜନ, ଜଣାଣ ମାଧ୍ୟମରେ ଆହ୍ୱାନ ଦେଇଛନ୍ତ। ଭଜନ ଗୁଡ଼ିକ ଖୁବ୍ ସରଳ, ମର୍ମସ୍ପର୍ଶୀ। ଏ ସଂସାର ପାପପୂର୍ଣ୍ଣ। ଏଥିରୁ ପାର ହେବା ପାଇଁ ଭଗବାନଙ୍କ ପଦ୍ମପାଦ ହିଁ ଶ୍ରେଷ୍ଠ ଅଧ୍ୟାୟ। ମୋହମାୟାରେ ପଡ଼ି ମନୁଷ୍ୟ ଭଗବାନଙ୍କ ଠାରୁ ଦୂରେଇ ଯାଏ। ଅଜ୍ଞାନ ଅନ୍ଧକାରରେ ସେ ଘାଣ୍ଟି ହୁଏ। ନାମ ଭଜନ ସଂସାରରେ ଶ୍ରେଷ୍ଠ। ନାମବିନା ମନୁଷ୍ୟର ମୁକ୍ତି ନାହିଁ। ଭକ୍ତକବି ଅରକ୍ଷିତ ଦାସ ଭଗବାନଙ୍କ ନିକଟରେ ସମର୍ପି ଦେଇ କହିଛନ୍ତି **''ତୋହ ମନ ଯେବେ ମୋହଠାରେ ଥିବ ମୋ ମନ ତୋ ଠାରେ ଥିବ । ନିତ୍ୟ ବୃନ୍ଦାବନେ ବିପିନ କାନନେ ଦିନେ ଭେଟାଭେଟି ହେବ''** ଭଗବାନ ପରମେଶ୍ୱରଙ୍କୁ ପ୍ରାର୍ଥନା କରି କବି ଗାଇଛନ୍ତି। ଜଗତର ମଙ୍ଗଳ ପାଇଁ। ମହାପୁରୁଷଙ୍କ ଦ୍ୱାରା ରଚିତ ଭଜନ। ଜଣାଣ ଚଉତିଶା ଗୁଡ଼ିକରେ ଭକ୍ତିମତ୍ତା ଆଧ୍ୟାତ୍ମିକ ଭାବ ପୂରି ରହିଛି।

**ମହୀମଣ୍ଡଳ ଗୁପ୍ତଟୀକା -** ମହାପୁରୁଷ ଅରକ୍ଷିତ ଦାସଙ୍କ ରଚିତ ଉକ୍ତ କ୍ଷୁଦ୍ର ଗ୍ରନ୍ଥ ସାତ ଅଧ୍ୟାୟ ବିଶିଷ୍ଟ। ପ୍ରଥମ ଅଧ୍ୟାୟରେ ନାମର ମାହାତ୍ମ୍ୟ ବର୍ଣ୍ଣିତ। ମନ-ଚୈତନ୍ୟ ସମ୍ବାଦ ଛଳରେ ନାମର ମହିମା ଏଥିରେ ପ୍ରକାଶିତ। ଦ୍ୱିତୀୟ ଅଧ୍ୟାୟରେ ମହାପୁରୁଷଙ୍କୁ ବ୍ରହ୍ମ ଆଜ୍ଞା ପ୍ରକାରେ ଓଲାଶୁଣୀ ଯାତ୍ରା ବର୍ଣ୍ଣିତ। ଓଲାଶୁଣୀ ପର୍ବତରେ ଚଣ୍ଡୀଙ୍କ ଭୟ। ତାଙ୍କ ଦୃଷ୍ଟିରେ ଯେ ପଡ଼ିଲା ତାକୁ ଜୀବନରେ ମାରି ଦିଅନ୍ତି। ଏ ସବୁକୁ ମନରେ ବିଚାର କରି ପର୍ବତର ତଳ ଦେଶରେ ଅରକ୍ଷିତ ଦାସ ରହିଥାନ୍ତି। ତୃତୀୟ ଅଧ୍ୟାୟରେ ଆଜ୍ଞାର ମାହାତ୍ମ୍ୟ, କେନ୍ଦ୍ରାପଡ଼ା ରାଜାଙ୍କୁ ଅରକ୍ଷିତ ଦାସ ଓଲାଶୁଣୀ ପର୍ବତ ମାଗିବା ବୃତ୍ତାନ୍ତ ବର୍ଣ୍ଣିତ। କେନ୍ଦ୍ରାପଡ଼ାକୁ ଯାଇ ସେଠାକାର ରାଜାଙ୍କୁ ଓଲାଶୁଣୀ ପର୍ବତ ମାଗିବା ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ମହାପୁରୁଷ ଅରକ୍ଷିତ ଦାସଙ୍କ ପାଖରେ ଜାତି ଭେଦ ଖାଦ୍ୟ ଗ୍ରହଣ ଭେଦ ନଥିଲା। ସେ ସବୁ ଜାତିର ଲୋକଙ୍କୁ ସ୍ନେହ କରୁଥିଲେ। ସେ ସବୁ ଜାତିର ଲୋକଙ୍କ ଠାରୁ ସବୁ ପ୍ରକାରର ଖାଦ୍ୟ ଗ୍ରହଣ କରୁଥିଲେ। ଖାଦ୍ୟରେ ଆମିଷ ନିରାମିଷ ଭେଦଭାବ ତାଙ୍କର ନ ଥିଲା। ତାଙ୍କ ମତରେ - ଏ ଶରୀରଟା ଗୋଟିଏ ଆମିଷ। ଏମିତି ଭାବରେ ବାୟୁ, ଶୂନ୍ୟ, ସୂର୍ଯ୍ୟ, ଚନ୍ଦ୍ର ନକ୍ଷତ୍ର ପ୍ରଭୃତି ସମସ୍ତେ ଆମିଷ ଭକ୍ଷଣ କରୁଛନ୍ତି। ପଞ୍ଚମ ଅଧ୍ୟାୟରେ ଆଜ୍ଞାର ମହିମା, ଓଲାଶୁଣୀରେ ମହାପୁରୁଷଙ୍କ ଅବସ୍ଥାନ, ରାଧାକୃଷ୍ଣଙ୍କ ଦର୍ଶନ ପାଇଁ ବୃନ୍ଦାବନ ଯାତ୍ରା ଓ ବଂଶୀପ୍ରାପ୍ତ ବର୍ଣ୍ଣିତ। ଷଷ୍ଠ ଅଧ୍ୟାୟରେ ମହାପୁରୁଷଙ୍କ ବଂଶୀପ୍ରାପ୍ତ ପରେ ଓଲାଶୁଣୀ ପହଞ୍ଚିବା ପ୍ରଭୃତି ବର୍ଣ୍ଣିତ। ଶେଷ ଅଧ୍ୟାୟରେ ମହାପୁରୁଷଙ୍କ ବଂଶୀ ବାଦନରେ ଚଣ୍ଡୀ ଓଲାଶୁଣୀ ଛାଡ଼ି ତଳେ ରହିବା ଓ ସେ ପର୍ବତ ଉପରେ ଅବସ୍ଥାନ କରିବା ବର୍ଣ୍ଣିତ ଅଛି। କବି ଗ୍ରନ୍ଥ ଶେଷରେ ବ୍ରହ୍ମକୁ ପ୍ରାର୍ଥନା କରିଛନ୍ତି।

**ମହାକବଚ -** ଖଣ୍ଡଗିରିର ଅନନ୍ତ ଗୁମ୍ଫାରେ ଅରକ୍ଷିତ ଦାସ ସାଧନାରତ ଥିବା ବେଳେ ଏହି 'ମହାକବଚ' ରଚନା କରିଥିଲେ। ସ୍ୱୟଂ ପରଂବ୍ରହ୍ମଙ୍କ ଆଜ୍ଞାନୁସାରେ ସେ ଏହା ରଚନା କରିଥିବା କୁହାଯାଏ। ମୋଟ ୮୧ଟି ପଦ ଏଥିରେ ରହିଛି। ଏହାକୁ ପ୍ରତ୍ୟହ ପାଠ କଲେ ରୋଗ, ଶୋକ, ଦୁଃଖ ଦୂର ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

**ଦ୍ୱାଦଶ ଚନ୍ଦ୍ରିକା** - ଏଥିରେ ମୋଟ ୧୨ଟି ଛାନ୍ଦ ରହିଛି । କ୍ଷୁଦ୍ର ପୁସ୍ତିକାଟିରେ ଅରକ୍ଷିତ ଦାସଙ୍କ ଭକ୍ତିମତ୍ତା ଆଧ୍ୟାତ୍ମିକ ଭାବ ପ୍ରକାଶ ପାଇଛି । ସଂସାରରେ ଏବେ ସତ୍ୟ, ଧର୍ମ ଭୂଲୁଣ୍ଠିତ । ଦେବତା, ବ୍ରାହ୍ମଣ ନିନ୍ଦା ପାଉଛନ୍ତି । ଗୁରୁ-ଶିଷ୍ୟର ପବିତ୍ର ସମ୍ପର୍କ ସୁଦୂରପରାହତ । କବି ପ୍ରାର୍ଥନା କରିଛନ୍ତି ଭଗବାନଙ୍କୁ ଏ ସବୁରୁ ମୁକ୍ତି ପାଇଁ । ପରିଶେଷରେ କବି ପ୍ରଭୁଙ୍କ ନିକଟରେ ଅହଙ୍କାର ଶୂନ୍ୟ ଭକ୍ତିଭାବ ପ୍ରକଟ କରି ଭବ ସାଗରରୁ ମୁକ୍ତି ପାଇଁ ନିବେଦନ କରିଛନ୍ତି । କବିଙ୍କ ସାହିତ୍ୟ କୃତି, ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଧାରିତ । ସେ ଭକ୍ତି ଓ ପ୍ରେମ ମାର୍ଗରେ ସାଧନକୁ ବିନିଯୋଗ କରିଥିଲେ । ଶୂନ୍ୟବ୍ରହ୍ମ, ବ୍ରହ୍ମତତ୍ତ୍ୱ, ନାମତତ୍ତ୍ୱ, ଏକାମ୍ରବାଦ ଯୋଗତନ୍ତ୍ରର ପ୍ରଭାବ ତାଙ୍କ ସାହିତ୍ୟରେ ଆମେ ଦେଖୁ । କାବ୍ୟ, ଅଳଙ୍କାର, ମନ୍ତ୍ର ବେଦ, ଗୀତ, ନବବ୍ୟାକରଣ, ଅଷ୍ଟାଦଶ ପୁରାଣ, ନାଗାନ୍ତ, ଷଡ ଗୋସ୍ୱାମୀଙ୍କ ମନ୍ତ୍ର, ଶାସ୍ତ୍ର, ଯୋଗାନ୍ତ, ବେଦାନ୍ତ, ସିଦ୍ଧାନ୍ତରେ କବିଜୀବନ ଦର୍ଶନ, ବ୍ରହ୍ମତତ୍ତ୍ୱ, ଶୂନ୍ୟବାଦର ଲେଶମାତ୍ର ଚିହ୍ନ ପାଇନାହାନ୍ତି । ଧ୍ୟାନ, ତପସ୍ୟା, ସାଧନାରେ ନାମର ମାହାତ୍ମ୍ୟ, ପରଂବ୍ରହ୍ମଙ୍କ ଦର୍ଶନର ସନ୍ଧାନ ସେ ପାଇଛନ୍ତି ।

## ମଠ କର୍ମୀଙ୍କ ମାଦଳାନୁସାରେ ଅରକ୍ଷିତ ଦାସ

ଗଜପତି ଦିବ୍ୟସିଂହ ଦେବଙ୍କ ସମୟରେ ତାଙ୍କର ପାତ୍ର ଭାନୁଦେବ ରାଜଗୁରୁଙ୍କ ସମୟରେ ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀକ୍ଷେତ୍ରରେ ପ୍ରବେଶ ହେଲେ । ସେ ଅବଧୂତ ଥିବାରୁ ଭେଟ ପିଣ୍ଡିକାକୁ ଭାଜନ ନ ଥିଲେ । ତାଙ୍କୁ ଦେଉଳ ପାଇକ ବରକନ୍ଦାଜ ପରିମାଣିକ, କ୍ଷେତ୍ରକୁ ନ ଛାଡ଼ନ୍ତେ ସେ ସନ୍ତାପିତ ହୋଇ ମଧୁବନ ତୋଟାରେ ରହିଲେ । ଏ ତୋଟା ଜଗୁଆଳି ତାଙ୍କୁ ପରତେ ନ କରି ତାଙ୍କୁ ଟାଣି ଓଟାରି ତୋଟାରୁ ବାହାର କରନ୍ତେ ନିରଞ୍ଜନ ପାଇକ ଆସି ତାଙ୍କୁ ଏମନ୍ତ ନ କରିବାକୁ କହିଲେ । ବୋଇଲେ ତୁମ୍ଭର ଲାଞ୍ଛନା ତାଙ୍କୁ ତ ବାଧୁଛି । ସେ ଅଦେୟ ଯୋଗୀ ଅଟନ୍ତି । ଏମନ୍ତ ନ ମାନିବାରୁ ପାଇକ ବାଲିସାହି ନଅରେ ଜଣାକଲେ । ଯୋଗୀ ଅବଧୂତ ଅରକ୍ଷିତଙ୍କୁ ରାଜା ଆବହନ କରନ୍ତେ ସେ କୁମ୍ଭକ ଶୂନ୍ୟଯୋଗରେ ଲୀନ ହୁଅନ୍ତେ ରାଜା ତାଙ୍କୁ ବଡ଼ପଣରେ ଆକଟ ଦର୍ଶନକୁ ଆଳପନ କରି ବେହୁରା କରଣକୁ କହି ଯୋଡ଼ ମଶାଲ ଦେଇ ବେଢ଼ାରେ ଉପାଧି ଦର୍ଶନ କରାଇ ଖଣ୍ଡୁଆ ପତନି ଶାଢ଼ୀ ଦେଇ ଉପାଧି କଲେ । ଏଥକୁ ରାମଜୀ ମଠ ତୋଟାରେ କୁଟୀର କରି ରଖାଇଲେ । ଏହା ଜଗତେ ଖ୍ୟାତ ହେବାକୁ ଭକତେ ମିଳିଲେ । କରଣ ଶ୍ୟାମ ଚାଉର ପଟ୍ଟନାୟକ ତାଙ୍କ ଅବଧୂତ ଶିକ୍ଷା କରିଲେ । ଛମାସ କୁଟୀରେ ରହି ସେଠାରେ ଝୁଲଣ ପୂର୍ଣ୍ଣିମାକୁ ଘାଟଛାଡ଼ ନେଇଗଲେ । ରଥ ଉତ୍ସବକୁ ତାଙ୍କ ଆଡ଼ପ ମଣ୍ଡପ ନିକଟକୁ ନୃସିଂହ ବଲ୍ଲବ ତୋଟାରେ ଗାଦି କରିବାକୁ ଭୂଇଁ ଚାରିମାଣ ଦେବାକୁ ରାଜା ଆଜ୍ଞା ହେବାକୁ ସେ ନାସ୍ତି କରି ପାଦରେ ଘାଟପାର ହେଲେ ଓ ଓଲାଶୁଣୀ ପର୍ବତକୁ ଗଲେ । ଏମନ୍ତ ଅରକ୍ଷିତ ଦାସ । ଅବଧୂତ ଚରିତ । ସମୟ - ପ୍ରଥମ ଦିବ୍ୟସିଂହ ଦେବ ଖ୍ରୀ ୧୭ଶ ଖ୍ରୀଷ୍ଟାବ୍ଦରେ ଯାଇଥିବାର ଅନୁମାନ, ତାଙ୍କୁ ଜଗନ୍ନାଥ ମନ୍ଦିରରେ ଅବଧୂତ ସାଧୁ ଶାଢ଼ୀ ମିଳିଥିବା ଜଣାଯାଏ ।

**ସର୍ବ ମହୌଷଧ୍ କାଞ୍ଜିପାଣି ।**

**ମର୍ତ୍ତ ବୈକୁଣ୍ଠ ଓଲାଶୁଣୀ ॥**

ମତାନ୍ତରରେ ଜଣାଯାଏ ସନ୍ତ ଅରକ୍ଷିତ ତାଙ୍କ ଜନ୍ମମାଟି (ବଡ଼ଖେମୁଣ୍ଡି, ବ୍ରହ୍ମପୁର)ର ସନ୍ତକ କିଛି ରଖିବାକୁ ବୋଧେ ଚାହୁଁଥିଲେ, ଏଥିପାଇଁ ବଡ଼ଖେମୁଣ୍ଡିର ସୂର୍ଯ୍ୟକାଞ୍ଜି ଓ ବ୍ରହ୍ମପୁରର ଶୁଖୁଆକୁ ସେ ଭୋଗ ମଧ୍ୟରେ ଅନ୍ତର୍ଭୁକ୍ତ କରିଥାଇପାରନ୍ତି । ମହନ୍ତ ଲଛମନ ଦାସଙ୍କ ଠାରୁ ଶୁଣିଥିଲୁ ସନ୍ଥ ଓଲାଶୁଣୀରେ ଡ଼େରା କଲାପରେ ସେ ବେଳର ଗମନା ଗମନ ଅସୁବିଧାକୁ ଦୃଷ୍ଟିରେ ରଖି ଯଦି କେହି ଭକ୍ତ, ଭୋକି, ଶୋଷି ଦୈବାତ୍ ମଠରେ ପହଁଚିବ, ସେ ଚର୍ଚ୍ଚା ହେବ କିପରି ? କାରଣ ମଠର ପ୍ରଥମାବସ୍ଥାରେ ପ୍ରସାଦ ରୋଷେଇ ବ୍ୟବସ୍ଥା ନଥିଲା । ଏଣୁ ଅବେଳରେ ଯେ ପହଞ୍ଚି ଯାଏ ତାକୁ କାଞ୍ଜିପାଣିରେ ଆପ୍ୟାୟିତ କରାଯାଏ, ସେ କାଞ୍ଜିର ବିଶେଷତ୍ୱ ପିଇବା ପରେ ସ୍ୱତଃ ଭୋକ ମାରି ଦିଏ । ଓଲାଶୁଣୀ ପୂର୍ବରୁ ଖଣ୍ଡଗିରି ଆଶ୍ରମରେ ମଧ କାଞ୍ଜିପାଣି ମହୌଷଧିର ପ୍ରଚଳନ ଥିଲା । ଏ ସମ୍ପର୍କରେ ପ୍ରଚଳିତ କିମ୍ବଦନ୍ତୀ ପ୍ରକାଶ କରେ ବ୍ରିଟିଶ ଅମଳର ଜଣେ ଅଧିକାରୀ ଏକଦା କୌଣସି ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଲେ । ସେ ସମୟରେ କଲିକତା ଚିକିତ୍ସା ପାଇଁ ବିଖ୍ୟାତ ଥିଲା । ଅଫିସର ଜଣକ କଲିକତା ଯାଇ ବିଫଳ ହୋଇ ଫେରିଥିଲେ । ଏହି ସମୟରେ ସେ ଖବର ପାଇଲେ ଯେ ଖଣ୍ଡଗିରି ଆଶ୍ରମରେ ଅରକ୍ଷିତ ନାମକ ଜଣେ ସନ୍ନ୍ୟାସୀ କାଞ୍ଜିପାଣି ନାମକ ଏକ ମହୌଷଧି ପ୍ରଦାନ କରି ଦୂରାରୋଗ୍ୟ ବ୍ୟାଧି ନିବାରଣ କରନ୍ତି । ବିଶ୍ୱାସକ୍ରମେ ଅଧିକାରୀ ଜଣକ ଖଣ୍ଡଗିରି ଆଶ୍ରମରେ ପହଞ୍ଚିଲେ । ଅରକ୍ଷିତଙ୍କ ଶରଣାପନ୍ନ ହେଲେ । ଭକ୍ତର ଆକୁଳକୁ ଲକ୍ଷ୍ୟକରି ମହାପୁରୁଷ ଅରକ୍ଷିତ ପରଂବ୍ରହ୍ମଙ୍କୁ ନେଇ କାଞ୍ଜିପାଣିରୁ କିଛି ବ୍ୟାଧିଗ୍ରସ୍ତ ଅଧିକାରୀଙ୍କୁ ଦେଲେ । କିଛିଦିନ ପରେ ଅଧିକାରୀ ଜଣକ ରୋଗମୁକ୍ତ ହେଲେ । ଏହି ଘଟଣା ପ୍ରଚାର ହେବା ଅରକ୍ଷିତଙ୍କ ସୁଖ୍ୟାତି ବୃଦ୍ଧି ପାଇଲା । କୃତଜ୍ଞତା ସ୍ୱରୂପ ଅଧିକାରୀ ଜଣକ ୩୦ ଏକର ଜମି ଖଣ୍ଡଗିରି ଆଶ୍ରମକୁ ଖଞ୍ଜିଥିଲେ । ଯେଉଁ ଜମି କାଞ୍ଜିପାଣି ସତ୍ତ୍ୱ ନାମରେ ପରିଚିତ ।

ସନ୍ଥ ଅରକ୍ଷିତ ଦାସ ଗ୍ରନ୍ଥାବଳୀର ସମ୍ପାଦନା କରିଥିବା ଡକ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ ଅନୁମତି କ୍ରମେ ଉକ୍ତ ଗ୍ରନ୍ଥର ସାରାଂଶ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ପାଇଥିବାରୁ ଡକ୍ଟର ପାଣିଗ୍ରାହୀଙ୍କୁ **ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି, ଲଳିତଗିରି** ତରଫରୁ କୃତଜ୍ଞତା ଜ୍ଞାପନ କରୁଛୁ ।


## ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି

ମୁଖ୍ୟ କାର୍ଯ୍ୟାଳୟ - ପ୍ଲଟ୍-୬୧୨, ଶବରସାହି, ରସୁଲଗଡ, ଭୁବନେଶ୍ୱର, ଜିଲ୍ଲା ଖୋର୍ଦ୍ଧା, ପିନ-୭୫୧୦୧୦
ଶାଖା କର୍ଯ୍ୟାଳୟ - ସା/ପୋ-ଲଳିତଗିରି, ଥାନା-ମାହାଙ୍ଗା, ଜିଲ୍ଲା - କଟକ, ପିନ୍-୭୫୪୨୦୫
www.olasuni.com Olasuni App
Mahapurusa Arakhita Das's - Olasuni Gumpha YouTube
E-mail - nabakishoresamal9@gmail.com
9776343503, 9692504243, 9438534310, 9937632393





ମହାପୁରୁଷ ଅରକ୍ଷିତ ଦାସଙ୍କ ଜନ୍ମ ସ୍ଥାନ ବିଜୟ ନଗର ଗଡ ଖ୍ରୀଷ୍ଟାବ୍ଦ ୧୭୭୨
(ଅଧୁନା ଘୋଡାହାଡ ଡ୍ୟାମ ମଧ୍ୟରେ ଲୁପ୍ତ ପ୍ରାୟ) ର ଜଗନ୍ନାଥ ମନ୍ଦିର ୨୦୧୦ ମସିହା



ମହାପୁରୁଷ ଅରକ୍ଷିତ ଦାସଙ୍କ ସନ୍ନ୍ୟାସୀ ଜୀବନ ପାଇଁ ତ୍ୟାଗ କରିଥିବା
ଦିଗପହଣ୍ଡି ସ୍ଥିତ କଚେରୀ ଘରର ମୁଖ୍ୟ ପ୍ରବେଶ ପଥ



ଓଳାଶୁଣୀ ପୀଠର
ଆରାଧ୍ୟ ଦେବୀ ମା ଓଳାଶୁଣୀ



ମହାପୁରୁଷ ଅରକ୍ଷିତ ଦାସଙ୍କ
ସାଧନାପୀଠ ଅନନ୍ତଗୁମ୍ଫା



ମହାପୁରୁଷ ଅରକ୍ଷିତ ଦାସଙ୍କ
ଜୀବନ୍ତ ସମାଧି ପୀଠ

# ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି


ମୁଖ୍ୟ କାର୍ଯ୍ୟାଳୟ - ପ୍ଲଟ୍-୬୧୨, ଶବରସାହି, ରସୁଲଗଡ, ଭୁବନେଶ୍ୱର, ଜିଲ୍ଲା ଖୋର୍ଦ୍ଧା, ପିନ-୭୫୧୦୧୦
ଶାଖା କର୍ଯ୍ୟାଳୟ - ସା/ପୋ-ଲଳିତଗିରି, ଥାନା-ମାହାଙ୍ଗା, ଜିଲ୍ଲା - କଟକ, ପିନ୍-୭୫୪୨୦୫
www.olasuni.com
Mahapurusa Arakhita Das's - Olasuni Gumpha YouTube
E-mail - nabakishoresamal9@gmail.com
+91 9776343503, 9692504243 +91 9937632393, 9438534310